## ସଂକ୍ଷେପରେ

### ମହିଳାଙ୍କୁ ଗଣ ବଳାତ୍କାର ଅଭିଯୋଗ

**ବନ୍ତଲା,୨୦।୯(ଡି.ଏନ୍.ଏ.):** ଅନୁଗୋଳ ଜିଲା ବନ୍ତଲା ଥାନା ଅଞ୍ଚଳରେ ବୁଧବାର ବିଳମ୍ବିତ ରାତିରେ ଜଣେ ମହିଳାଙ୍କୁ ଗଣବଳାତ୍କାର କରାଯାଇଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ପୋଲିସ ନଂ. ୧୭୩/୧୮ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଅଭିଯୁକ୍ତ ଅକ୍ଷୟ ନାଏକ ଓ ସୁରେଶ ନାଏକ ରାତିରେ ସମ୍ପୃକ୍ତା ମହିଳାଙ୍କ ଘରକୁ ଯାଇ ତାଙ୍କ ବୋହୂ ଓ ପୁଅ ଶୋଇଥିବା କୋଠରିର କବାଟ ବାଡେଇ ଥିଲେ। ସେମାନେ ନ ଖୋଲିବାରୁ ଦୁଇ ଅଭିଯୁକ୍ତ ମହିଳା ଶୋଇଥିବା କୋଠରିରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ପୀଡ଼ିତାଙ୍କୁ ଧରି ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଥିବା ଆଇଆଇସି ସବ୍ୟସାଚୀ ରାଉତ କହିଛନ୍ତି।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

**ଛେଣ୍ଡିପଦା,୨୦।୯(ଡି.ଏନ୍.ଏ.):** ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁକଦେବ ମିଶ୍ର (୭୦)ଙ୍କ ବୁଧବାର ରାତିରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ଅନୁଗୋଳ ସୁସୁଡା ଗ୍ରାମ ସ୍ଥିତ ନିଜ ବାସଭବନରେ ଶଯ୍ୟାଶାୟୀ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ।

### ହାତୀ ଉପଦ୍ରବ, ଫସଲ ନଷ୍ଟ

**ବଇଣ୍ଡା,୨୦।୯(ଡି.ଏନ୍.ଏ.):** କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ହିଞ୍ଜିରିଡ଼ା, ମାମୁରୀଝରଣ, କଣ୍ଟେଇକୁଳିଆ, ମାଧପୁର, ଅଁଳାବେରେଣୀ ଗ୍ରାମରେ କିଛିଦିନ ହେବ ହାତୀ ଉପଦ୍ରବ ଲାଗି ରହିଛି। ନିକଟସ୍ଥ ଜଙ୍ଗଲରୁ ହାତୀମାନେ ଗ୍ରାମାଭିମୁଖୀ ହୋଇ ଧାନ ବିଲରେ ଫସଲ ଦଳି ଚକଟି ନଷ୍ଟ କରିଦେଉଛନ୍ତି। ବାଡ଼ିରେ ପଶି ପନିପରିବା ଚାଷ ନଷ୍ଟ କରିବା ସହ ହାତୀପଲ କଦଳୀ ଗଛଗୁଡ଼ିକୁ ଭାଙ୍ଗି ଦେଉଛନ୍ତି। ଲୋକେ ବାଣ ଫୁଟାଇ ହାତୀ ଘଉଡ଼ାଇବା ପାଇଁ ଉଦ୍ୟମ ଚଳାଇଛନ୍ତି। ବନବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ବନବିଭାଗର ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେଇ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଛି।

### ବିଶ୍ୱଶାନ୍ତି ଆନ୍ଦୋଳନ ଉତ୍ସବ

**ଅନୁଗୋଳ ଅଫିସ, ୨୦।୯:** ଅନୁଗୋଳ ଜିଲା ତୁରଙ୍ଗ ସ୍ଥିତ ମହର୍ଷି ବିଦ୍ୟାମନ୍ଦିର ପରିସରରେ ମହର୍ଷି ମହେଶ ଯୋଗୀଙ୍କ ଦ୍ୱାରା ପ୍ରଣିତ ବିଶ୍ୱଶାନ୍ତି ଆନ୍ଦୋଳନ ଉତ୍ସବ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଅନୁଷ୍ଠାନ ଅଧକ୍ଷା ଗାୟତ୍ରୀ ସାମନ୍ତରାୟ ଉତ୍ସବ ସମ୍ପର୍କରେ ସୂଚନା ଦେଇଥିଲେ। ଏହାପରେ ଯୋଗଗୁରୁ ସର୍ବେଶ୍ୱର ଆଚାର୍ଯ୍ୟଙ୍କ ଦ୍ୱାରା ଗୁରୁପୂଜନ କରାଯାଇଥିଲା। ଏହାପରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ପ୍ରାଣାୟମ ଓ ଧାନ ଅଭ୍ୟାସ କରିଥିଲେ। ଶିକ୍ଷୟିତ୍ରୀ ବାସନ୍ତୀ ମଣ୍ଡଳ, ସ୍ମିତାରାଣୀ ସିଂହ ଓ ସ୍ୱତି ସୁରଭି ତୁଙ୍ଗା ଭଜନ ପରିବେଷଣ କରିଥିଲେ। ଅଧକ୍ଷା ବିଶ୍ୱଶାନ୍ତି ଉପରେ ଆଲୋକପାତ କରି ସମସ୍ତ ସଦସ୍ୟା ଓ ସଦସ୍ୟଙ୍କୁ ଶପଥ ପାଠ କରାଇଥିଲେ।

■ ସାର କାରଖାନା ଭିତ୍ତିପ୍ରସ୍ତରକୁ ନେଇ କଂଗ୍ରେସର ପ୍ରଶ୍ନ

# ପ୍ରହସନ ନା ରାଜନୈତିକ ଚାଲ

**ତାଳଚେର,୨୦।୯(ନି.ପ୍ର.)**

ଆଗକୁ ସାଧାରଣ ନିର୍ବାଚନ ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୨ ତାରିଖରେ ଓଡ଼ିଶା ଗସ୍ତରେ ଆସି ତାଳଚେର ସାର କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହା ଏକ ନିର୍ବାଚନୀ ପ୍ରହସନ ନା କେନ୍ଦ୍ରର ରାଜନୈତିକ ଚାଲ ବୋଲି ପ୍ରଶ୍ନ କରିଛି କଂଗ୍ରେସ। ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ କହିଛନ୍ତି ଯେ, ୧୯୭୧ରେ ତାଳଚେର ବିକ୍ରମପୁରଠାରେ କେନ୍ଦ୍ରମନ୍ତ୍ରୀ ତ୍ରିଗୁଣା ସେନଙ୍କ ଦ୍ୱାରା ଏହି କୋଇଲା ଭିତ୍ତିକ ସାର କାରଖାନାର ଶୁଭ ଦିଆଯାଇଥିଲା। କୋଇଲାରୁ ସାର ଉତ୍ପାଦନ ସଫଳ ହେବା ସତ୍ତ୍ୱେ କାରଖାନା ଲାଭବାନ୍ ପାଇଁ ବିଭିନ୍ନ ପ୍ରକାର କମିଟି ଦ୍ୱାରା ଅନୁସନ୍ଧାନ କରାଯାଇଥିଲା। ୧୯୯୯ରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ପରେ ଏହି କାରଖାନାକୁ ୧୯୯୯



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତା।

ଏପ୍ରିଲ ୧ରେ ବନ୍ଦ କରି ଦେଇଥିଲେ। ସେତେବେଳେ ତାଳଚେରର ଦେବେନ୍ଦ୍ର ପ୍ରଧାନ କେନ୍ଦ୍ରରେ ମନ୍ତ୍ରୀ ଥିବା ସତ୍ତ୍ୱେ କାରଖାନା ଚାଲୁ ରଖିବା ପାଇଁ କୌଣସି ପ୍ରକାର ପଦକ୍ଷେପ ନେଇ ପାରିଲେ ନାହିଁ ବୋଲି କଂଗ୍ରେସ ନେତାମାନେ ଅଭିଯୋଗ କରିଛନ୍ତି। ଏହାପରେ କଂଗ୍ରେସ ସରକାର ସମୟରେ କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଶ୍ରୀକାନ୍ତ ଜେନା ଏହି ସାର କାରଖାନାକୁ ପୁନର୍ଜୀବିତ କରିବା ପାଇଁ ଯୁଗ୍ମ କମ୍ପାନୀ ରାଷ୍ଟ୍ରୀୟ କେମିକାଲ୍ସ ଫର୍ଟିଲାଇଜର, କୋଲ୍ ଇଣ୍ଡିଆ, ଗେଲ୍ ଇଣ୍ଡିଆ ସହାୟତାରେ କାର୍ଯ୍ୟାରମ୍ଭ କରିଥିଲେ। ପରେ ଭାଜପା କ୍ଷମତାକୁ ଆସିଥିଲା। ସେହିବର୍ଷ ଅଗଷ୍ଟ ୧୫ରେ ପ୍ରଧାନମନ୍ତ୍ରୀ ଲାଲ୍ କିଲ୍ଲା ଠାରେ ଭାଷଣ ମାଧ୍ୟମରେ ତାଳଚେର ସାର କାରଖାନା ୨୦୧୮ ସୁଦ୍ଧା ଉତ୍ପାଦନ କ୍ଷମ ହେବ ବୋଲି କହିଥିଲେ। କିନ୍ତୁ ତାହା ହୋଇ ପାରିଲା ନାହିଁ। ଏବେ ଶେଷ ମୁହୂର୍ତ୍ତରେ ମୋଦି ସରକାର ୨୨ ତାରିଖରେ କାରଖାନାର ଭିତ୍ତିପ୍ରସ୍ତର ହେବ ବୋଲି ବିରାଟ ବିରାଟ ହୋର୍ଡିଂ ମାଧ୍ୟମରେ ପ୍ରଚାର ଚଳାଇଛନ୍ତି। ଏହା କେବଳ ନିର୍ବାଚନ ପ୍ରହସନ ବୋଲି କଂଗ୍ରେସ ପ୍ରକାଶ କରିଛି। ଏହି ଖବରଦାତା ସମ୍ମିଳନୀରେ ଅନୁଗୋଳ ଜିଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ସୁରେଶ ଚନ୍ଦ୍ର ବେହେରା, ବ୍ଲକ ସଭାପତି ହାଡିବନ୍ଧୁ ବିଶ୍ୱାଳ, ଢେଙ୍କାନାଳ ଯୁବ କଂଗ୍ରେସ ସଭାପତି ସୁବ୍ରତ ଗଡନାୟକ, ପୂର୍ବତନ ନଗରପାଳ କେଶବ ଭୂତିଆ, ବଜରଙ୍ଗ ଅଗ୍ରୱାଲ, ଦାଶରଥି ସାହୁ, ଜିନେଶ ସାହୁ, ଧୀରେନ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ସ୍ୱାସ୍ଥ୍ୟ ପରୀକ୍ଷା ବେଳେ ସ୍କୁଲରେ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

# ମେଡିକାଲ ଟିମ୍‌ର ଜଣେ ସଦସ୍ୟଙ୍କ ନାଁରେ ଏତଲା

**ବନ୍ତଲା,୨୦।୯(ଡି.ଏନ୍.ଏ.)**

ଅନୁଗୋଳ ଜିଲା ବନ୍ତଲା ଥାନା ଅଞ୍ଚଳର ଏକ ଶିକ୍ଷାନୁଷ୍ଠାନରେ ବୁଧବାର ସ୍ୱାସ୍ଥ୍ୟ ପରୀକ୍ଷା ବେଳେ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ମେଡିକାଲ ଟିମ୍‌ର ଜନୈକ ସଦସ୍ୟ ଅସଦାଚରଣ କରିଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଛାତ୍ରୀଙ୍କ ବାପାଙ୍କ ଏତଲାକୁ ଆଧାର କରି ପୋଲିସ ନଂ. ୧୭୨/୧୮ରେ ଏକ ମାମଲା ରୁଜୁ ସହ ତଦନ୍ତ କରିଛି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ସ୍କୁଲ ଓ ଗଣଶିକ୍ଷା ବିଭାଗ ଆଡିଶନାଲ ସେକ୍ରେଟାରୀଙ୍କ ଚିଠି ନଂ. ୮୪୬/୦୪/୦୮/୨୦୧୮ ଅନୁସାରେ ସ୍କୁଲଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ରକ୍ତ ନମୁନା ସଂଗ୍ରହ କରାଯାଉଛି। ତେଣୁ ଏକ ମେଡିକାଲ ଟିମ୍ ବୁଧବାର ଉକ୍ତ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲା। ଏହି ସମୟରେ ଉକ୍ତ ଟିମ୍‌ର ଜଣେ ସଦସ୍ୟ ସମ୍ପୃକ୍ତା ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ଗୁରୁବାର ସକାଳେ ଏ ନେଇ ଛାତ୍ରୀ ଜଣକ ମା' ବାପାଙ୍କୁ ଜଣାଇବା ପରେ ସେମାନେ ସ୍କୁଲରେ ପହଞ୍ଚି ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ସ୍କୁଲ କମିଟିରେ ଏକ ବୈଠକ ବସିବା ସହ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ବ୍ଲକ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସାହେବ ପାତ୍ର ସ୍କୁଲରେ ପହଞ୍ଚି ଅଭିଯୋଗର ତଦନ୍ତ କରିଥିଲେ। ଘଟଣା ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ କହିଛନ୍ତି, ପୀଡ଼ିତାଙ୍କ ବାପା ସକାଳେ ମଦ୍ୟପାନ କରି ସ୍କୁଲକୁ ଆସି ପାଟିତୁଣ୍ଡ କରିଥିଲେ। ଉକ୍ତ ଟିମ୍‌ର ଗାଡ଼ି ଚାଳକ ଏହି ଘଟଣା ଘଟାଇଥିବା କୁହାଯାଉଛି। ପୋଲିସର ତଦନ୍ତ ପରେ ଯାହା କିଛି ଜଣାପଡିବ। ବନ୍ତଲା ଥାନା ଆଇଆଇସି ସବ୍ୟସାଚୀ ରାଉତ କହିଛନ୍ତି, ସମ୍ପୃକ୍ତା ଛାତ୍ରୀଙ୍କ ମେଡିକାଲ ଟେଷ୍ଟ କରାଯାଇଛି। ଶୁକ୍ରବାର ମାଜିଷ୍ଟ୍ରେଟଙ୍କ ନିକଟରେ ବୟାନ ରେକର୍ଡ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଥଇଥାନ ଦାବିରେ ରେଳରୋକୋ

**ବଅଁରପାଳ,୨୦।୯(ଡି.ଏନ୍.ଏ.)**

ନାଲ୍‌କୋ ପାଚେରୀ ପାର୍ଶ୍ୱରେ ଥିବା ଗାଡ଼ରଖାଇ ଗ୍ରାମବାସୀ ଅନ୍ୟତ୍ର ଥଇଥାନ ଦାବିରେ ଗୁରୁବାର ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟ ନିକଟରେ ରେଳରୋକୋ ଆନ୍ଦୋଳନ କରିଛନ୍ତି। ଏଥିଯୋଗୁ ନାଲ୍‌କୋକୁ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ନାଲ୍‌କୋ ଯୋଗୁ ଗ୍ରାମର ଜଳବାୟୁ ଦୂଷିତ ହେଉଥିବାରୁ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହାସହ ଫସଲ ମଧ୍ୟ ଉଜୁଡି ଯାଉଛି। ଗ୍ରାମବାସୀଙ୍କୁ ସେଠାରୁ ବିସ୍ଥାପନ କରାଯାଇ ଅନ୍ୟତ୍ର ଥଇଥାନ ପାଇଁ ନାଲ୍‌କୋ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ ନିକଟରେ ବହୁବାର ଜଣାଇଥିଲେ ମଧ୍ୟ ଅଦ୍ୟାବଧି ଏହାର କୌଣସି ସମାଧାନ ହୋଇପାରି ନାହିଁ। ତେଣୁ ଏହି ଆନ୍ଦୋଳନ କରାଯାଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ଗତ ଅଗଷ୍ଟ ୧ରେ ଗ୍ରାମବାସୀ ରେଳରୋକୋ କରିଥିଲେ। ପରେ ଗ୍ରାମର ଏକ ପ୍ରତିନିଧି ଦଳ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କୁ ସାକ୍ଷାତ କରି ଅଲୋଚନା କରିଥିଲେ। ସେପ୍ଟେମ୍ବର ୧୨ରେ ଏକ ପ୍ରଶାସନସ୍ତରୀୟ ବୈଠକ କରାଯିବ ବୋଲି କମିଶନର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କୌଣସି କାରଣରୁ ଏହି ବୈଠକ ବାତିଲ କରାଯାଇଥିଲା। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗ୍ରାମ ସଭାପତି ମହେଶ୍ୱର ଦେହୁରୀଙ୍କ ନେତୃତ୍ୱରେ ଖବର ଲେଖା ହେବା ସୁଦ୍ଧା ଆନ୍ଦୋଳନ ଜାରି ରହିଥିଲା।


ଗାଡରଖାଇ ଗ୍ରାମବାସୀ ରେଳ ଧାରଣାରେ ଆନ୍ଦୋଳନ ଚଳାଇଛନ୍ତି।

ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା

# ହତ୍ୟା ଅଭିଯୋଗ ଆଣିଲେ ମାମୁ

**ଔପଦା, ୨୦।୯(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ଔପଦା ଥାନାର ରାଏରାମଚନ୍ଦ୍ରପୁର ପଞ୍ଚାୟତ କେତିକଝୁରି ଗ୍ରାମର ମହିଷଡ଼ାଳି ଜଙ୍ଗଲର ଏକ ଗଛରୁ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ମୃତକ ହେଲେ ବଙ୍ଗାଳି ଦଣ୍ଡପାଟ (୨୮)। ହେଲେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ମାମୁ ପ୍ରଦୀପ ନାଇକ ଔପଦା ଥାନାରେ ଅଭିଯୋଗ କରିଛନ୍ତି। ମୃତ ବଙ୍ଗାଳିଙ୍କ ଘର ମୟୂରଭଞ୍ଜ ଜିଲା କପ୍ତିପଦା ଥାନାର ପୋଡ଼ିଡ଼ିହା ଅଞ୍ଚଳରେ। ସେ ତାଙ୍କ ମାମୁ ଘରେ ରହିଆସୁଥିଲେ। ଘଟଣାର ପୂର୍ବ ସନ୍ଧ୍ୟାରୁ ସେ ନିଖୋଜ ଥିଲା। ମାମୁ ଘର ଲୋକେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ। ପରଦିନ ସକାଳୁ ବଙ୍ଗାଳିଙ୍କ ଝୁଲନ୍ତା ମୃତଦେହ ଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଔପଦା ପୋଲିସ ବାଲେଶ୍ୱର ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ସୋର ଡାକ୍ତରଖାନା ପଠାଇଥିଲା। ତଦନ୍ତ ପ୍ରକ୍ରିୟା ଚାଲିଛି। ସାଇଣ୍ଟିଫିକ୍ ଟିମ୍‌ର ରିପୋର୍ଟ ସହ ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ସବୁ କଥା ଜଣାପଡ଼ିବ ବୋଲି ପୋଲିସ କହିଛି।

# ଷଷ୍ଠ ଭାଗବତ ପାରାୟଣ ମହୋତ୍ସବ


ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

**ତାଳଚେର,୨୦।୯(ନି.ପ୍ର.)**

ତାଳଚେର ବ୍ଲକ କଳମଛୁଇଁ ପଞ୍ଚାୟତ ଅନ୍ତର୍ଗତ କାଳିକାପ୍ରସାଦ ସାହିରେ ଷଷ୍ଠ ଭାଗବତ ପାରାୟଣ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ଶତାଧିକ ମହିଳା ପୁରୁଷ ମଝିକା ଦେଉଳଛକ ନିକଟସ୍ଥ ପୋଖରୀରୁ ପାଣି ଆଣି ଶୋଭାଯାତ୍ରାରେ ଭାଗବତ ଟୁଙ୍ଗିରେ ସ୍ଥାପନ କରିଥିଲେ। ଏହି ଅବସରରେ ଏକ ବିଶ୍ୱଶାନ୍ତି ମହାଯଜ୍ଞର ଆୟୋଜନ କରାଯାଇଥିଲା। ପୂଜକ ରମେଶ ଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ସମ୍ପନ୍ନ କରାଯାଇଥିଲା। ଏଥିରେ ପ୍ରାଣବନ୍ଧୁ ସାହୁ ଓ ଲିଲି ସାହୁ କର୍ତ୍ତା ଭାବେ ଯୋଗ କରିଥିଲେ। ଧୋବାପାଳ, ଚନ୍ଦ୍ରବିଲ, କଳମଛୁଇଁ ଗ୍ରାମର ସଂକୀର୍ତ୍ତନ ଦଳ ହରି ନାମ ପରିବେଷଣ କରିଥିଲେ। ଭକ୍ତମାନଙ୍କ ହରିବୋଲ, ହୁଳହୁଳି ଶବ୍ଦରେ ସମଗ୍ର ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଏଥିରେ ଯୋଗ ଦେଇଥିଲେ। ବଟକୃଷ୍ଣ ସାହୁ, ଦିଗାମ୍ବର ସାହୁ, ଗିରିଶ ଚନ୍ଦ୍ର ମହାନ୍ତି, କ୍ଷୀରୋଦ ଚନ୍ଦ୍ର ମହାନ୍ତି, ନରେଶ ଚନ୍ଦ୍ର ସାହୁ, ଶରତ ଚନ୍ଦ୍ର ମହାନ୍ତି, ରଞ୍ଜନ ମହାନ୍ତି, ବିଜୟ କୁମାର ସାହୁ, ରତ୍ନାକର ସାହୁ, ହୃଷୀକେଷ ପ୍ରଧାନ, ଡାକ ସାହୁ, ପ୍ରତାପ ସାହୁ, ନରୋତ୍ତମ ମହାପାତ୍ର, ନିରଞ୍ଜନ ମହାନ୍ତି, ସୌଭାଗ୍ୟ ସାହୁ, କାଠି ମହାନ୍ତି, ବାପି ମହାନ୍ତି, ହିଂମାଶୁ ଭୂଷଣ ମହାନ୍ତି ପ୍ରମୁଖଙ୍କ ସହ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ମହିଳାଙ୍କୁ ପୋଖରୀକୁ ଫିଙ୍ଗି ହତ୍ୟା ଉଦ୍ୟମ ଅଭିଯୋଗ

**ବାଲିଆପାଳ, ୨୦।୯(ଡି.ଏନ୍.ଏ.)**

ଜଣେ ମହିଳାଙ୍କୁ ନିଶା ବଟିକା ଖୁଆଇ ଅଚେତ ଅବସ୍ଥାରେ ପୋଖରୀକୁ ଫିଙ୍ଗି ବୁଧବାର ହତ୍ୟା ଉଦ୍ୟମ ହୋଇଥିବା ବାଲିଆପାଳ ଥାନାରେ ଅଭିଯୋଗ କରିଛନ୍ତି। ଗୁରୁତର ଅବସ୍ଥାରେ ଏହି ମହିଳାଙ୍କୁ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରାଯାଇଛି। ଯୌତୁକ ବାବଦକୁ ବାପଘରୁ ଏକ ରଙ୍ଗୀନ ଟିଭି ଆଣିବା ସକାଶେ ଶାଶୁଘର ଲୋକେ ଚାପ ପକାଇ ତାଙ୍କୁ ଏଭଳି ନିର୍ଯାତନା ଦେଇଥିବା ମହିଳାଙ୍କ ବାପା ଗୁରୁବାର ଥାନାକୁ ଯାଇ ଅଭିଯୋଗ କରିଛନ୍ତି। ଚେତା ଫେରିଲେ ତାଙ୍କ ଜମାନବନ୍ଦୀ ନିଆଯାଇ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାଲିଆପାଳ ଆଇଆଇସି ପସ୍କଲ ଏକ୍କା କହିଛନ୍ତି।

# ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

**ତାଳଚେର,୨୦।୯(ନି.ପ୍ର.)**

ଦୁର୍ଗାପୂଜା ନିମନ୍ତେ ଏମ୍‌ସିଏଲ୍ ବଳରାମ ଓସିପି ପୂଜା କମିଟି ପକ୍ଷରୁ ବୁଧବାର ମାଟି ଅନୁକୂଳ କରାଯାଇଛି। ପୂଜା କମିଟି ସଭାପତି ପ୍ରକଳ୍ପ ଅଧିକାରୀ ନରେଶ ସିଂହଙ୍କ ତତ୍ତ୍ୱାବଧାନରେ ପୂଜକ ଟଙ୍କଧର ଶତପଥୀ ଓ ସନ୍ତୋଷ ଶତପଥୀ ପୂଜାର୍ଚ୍ଚନା କରିଥିଲେ। କର୍ତ୍ତା ଭାବେ ପୂଜା କମିଟି ସମ୍ପାଦକ ବ୍ରଜବନ୍ଧୁ ବିଶ୍ୱାଳ ଯୋଗ ଦେଇଥିଲେ। ଏହାପରେ ଅନୁକୂଳ ମାଟିକୁ ଶୋଭାଯାତ୍ରାରେ ନିଆଯାଇ କଳିଙ୍ଗ ଟାଉନଶିପ୍ ନିକଟସ୍ଥ ଦୁର୍ଗାପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହି ଶୋଭାଯାତ୍ରାରେ କମିଟି ସଦସ୍ୟ ଶରତ ବେହେରା, ଲଳିତ କୁମାର ଦାସ, କୋଷାଧ୍ୟକ୍ଷ ସାଗର ପ୍ରଧାନ, ନରୋତ୍ତମ ଗଡନାୟକ, ବସନ୍ତ ପ୍ରଧାନ, ସୁଧୀର କୁମାର ମଲ୍ଲିକ, ସୂର୍ଯ୍ୟକାନ୍ତ ସାହୁଙ୍କ ସମେତ ସମସ୍ତ ସଦସ୍ୟ ସାମିଲ ହୋଇଥିଲେ।

# ବେକାରଙ୍କୁ ନିଯୁକ୍ତି ଦାବିରେ ସରପଞ୍ଚଙ୍କ ଅନଶନ

**ତାଳଚେର,୨୦।୯(ନି.ପ୍ର.)**

ତାଳଚେର ମେଡିକାଲ କଲେଜରେ ଘଣ୍ଟପଡା ପଞ୍ଚାୟତର ବେକାର ଯୁବତୀ ଯୁବକମାନଙ୍କୁ ନିଯୁକ୍ତି ଦେବା ଦାବିରେ ଗୁରୁବାର ସକାଳ ଠାରୁ ଘଣ୍ଟପଡ଼ା ସରପଞ୍ଚ ମନୋଜ କୁମାର ବେହେରା ମେଡିକାଲ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ଆମରଣ ଅନଶନରେ ବସି ରହିଛନ୍ତି। ବାରମ୍ବାର ଦାବି, ଆପତ୍ତି ପରେ ୨୦୧୮ ଜୁଲାଇ ୨୩ରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ବିଧାୟକ, ଏନ୍‌ବିସିସି କମ୍ପାନୀ, ଠିକାଦାରି ସଂସ୍ଥା ଉପସ୍ଥିତିରେ ନିଯୁକ୍ତି ଦେବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଏହା କାର୍ଯ୍ୟକାରୀ ହେଲା ନାହିଁ। ସେପ୍ଟେମ୍ବର ୧୭ରେ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ବୈଠକ ଏନ୍‌ବିସିସି କମ୍ପାନୀ, ଠିକାଦାରି ସଂସ୍ଥା ସ୍ଥାନୀୟ ବେକାର ଯୁବକଙ୍କ ନିଯୁକ୍ତିକୁ ରୋକଠୋକ ମନା କରି ଦେଇଥିଲା। ଏହାର ପ୍ରତିବାଦରେ ଏବଂ ଅଗ୍ରାଧିକାର ଭିତିରେ ସ୍ଥାନୀୟ ଯୁବତୀ ଯୁବକମାନଙ୍କୁ ନିଯୁକ୍ତି ଦେବା ଦାବିରେ ସରପଞ୍ଚ ଅନଶନରେ ବସି ରହିଛନ୍ତି। ଖବରପାଇ ସହକାରୀ ଜିଲାପାଳ ଘଟଣାସ୍ଥଳକୁ ଯାଇ ଆଗାମୀ ୨୭ ତାରିଖରେ ଏକ ବୈଠକ ବସି ଏହାର ସମାଧାନ କରାଯିବ ବୋଲି କହିଥିଲେ ହେଁ ସରପଞ୍ଚ ରାଜି ହୋଇ ନ ଥିଲେ। ଫଳରେ ଅନଶନ ଜାରି ରହିଛି।


ସରପଞ୍ଚ ଆମରଣ ଅନଶନରେ ବସିଛନ୍ତି।

# ବାଘୁଣୀକୁ ସ୍ଥାନାନ୍ତର ଦାବିରେ ଗଣ ବିକ୍ଷୋଭ

**ଅନୁଗୋଳ ଅଫିସ, ୨୦।୯**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ଆତଙ୍କ ଖେଳାଉଥିବା ବାଘୁଣୀ ସୁନ୍ଦରୀକୁ ସ୍ଥାନାନ୍ତର ସହ ୪ଦଫା ସମ୍ବଳିତ ସାତକୋଶିଆ ବାସୀଙ୍କ ସମସ୍ୟାକୁ ନେଇ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଅନୁଗୋଳ ଜିଲା କମିଟି ପକ୍ଷରୁ ଗୁରୁବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗଣ ବିକ୍ଷୋଭ କରାଯାଇଥିଲା। ଲଘୁଚାପ ଜନିତ ପ୍ରବଳ ବର୍ଷାକୁ ଖାତିର ନ କରି ବିକ୍ଷୋଭକାରୀମାନେ ଷ୍ଟାଡିୟମରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ହାତୀବାରି ଗାଁର କୈଳାସ ସାଇଅଙ୍କ ମୃତ୍ୟୁ ଘଟଣାରେ ବନ୍ୟପ୍ରାଣୀ ବିଭାଗୀୟ ତଦନ୍ତକୁ ବାଦ୍ ଦେଇ ଏକ ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରିବା, ସାତକୋଶିଆ ଅଭୟାରଣ୍ୟ ଅଞ୍ଚଳରେ ଥିବା ଜନବସତି ସହିତ ଜିଲାରେ ବାଘ, ହାତୀ ଓ ଅନ୍ୟ ବନ୍ୟଜନ୍ତୁ ଆକ୍ରମଣରୁ ଜନସାଧାରଣଙ୍କ ଧନ, ଜୀବନଜୀବିକାର ସୁରକ୍ଷା ସୁନିଶ୍ଚିତ କରିବା, ସାତକୋଶିଆ ଅଭୟାରଣ୍ୟ ଓ ପାରିପାର୍ଶ୍ୱିକ ଗ୍ରାମଗୁଡିକରେ ଥିବା ଜନସାଧାରଣଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, ବିଦ୍ୟୁତ୍ ସେବା, ଜଳସେଚନ ଭଳି ମୌଳିକ ସମସ୍ୟାର ସମାଧାନ ନିମନ୍ତେ ତ୍ୱରିତ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା। ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଜିଲା କମିଟି ସଭ୍ୟ ବ୍ରଜବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ସଭାରେ ଜିଲା କମିଟି ସଭ୍ୟ ପ୍ରହଲ୍ଲାଦ ଚନ୍ଦ୍ର ସାହୁ, ଜୟସେନ ମେହେର, ତୀର୍ଥବାସୀ ଭୋଇ, ମାନସ ପାଳ, ମାନସୀ ସ୍ୱାଇଁ, ସଞ୍ଜୟ ସାହୁ, ଜିଲା କମିଟି ସଭ୍ୟ ସୁବାସ ପ୍ରଧାନ, ରଣଜିତ ପ୍ରଧାନ, ସରୋଜିନୀ ନାୟକ, ପରମାନନ୍ଦ ସାହୁଙ୍କ ସମେତ ଶତାଧିକ କର୍ମୀ, ସଙ୍ଗଠକ ଅଂଶଗ୍ରହଣ କରିଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

## ସଂକ୍ଷେପରେ

### ଯୁବକଙ୍କ ଉନ୍ମତ୍ତ କାଣ୍ଡ ଆର୍‌ଏମ୍‌ଏସ୍ କର୍ମଚାରୀଙ୍କ କାନ କାମୁଡ଼ି ଛିଣ୍ଡାଇଦେଲେ

**ଢେଙ୍କାନାଳ ଅଫିସ, ୨୦ା୯:**ଢେଙ୍କାନାଳ ସହରରେ ବୁଧବାର ଗଣେଶପୂଜା ଭସାଣି ଚାଲିଥିବାବେଳେ ଅଭାବନୀୟ କାଣ୍ଡ ଘଟାଇଛନ୍ତି ଜଣେ ଯୁବକ। କାରିଗରସାହିସ୍ଥିତ ଆର୍‌ଏମ୍‌ଏସ୍ କର୍ମଚାରୀ ସତ୍ୟନାରାୟଣ ପଟ୍ଟନାୟକଙ୍କ କାନକୁ କାମୁଡ଼ି ଛିଣ୍ଡାଇ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ନଂ. ୨୬୧/୧୮ରେ ଏକ ମାମଲା ରୁଜୁ କରାଯାଇଛି। ମାମଲାର ତଦନ୍ତ ଆରମ୍ଭ ହୋଇଥିବା ଥାନାଧିକାରୀ ଅଭିନବ ଡାଲୁଆ ସୂଚନା ଦେଇଛନ୍ତି। ମିନାବଜାର ଅଞ୍ଚଳରେ ରହୁଥିବା ସତ୍ୟନାରାୟଣ ସବୁଦିନ ପରି ବୁଧବାର ମଧ କାର୍ଯ୍ୟାଳୟକୁ ଯାଇଥିଲେ। ସନ୍ଧ୍ୟାରେ ସହକର୍ମୀଙ୍କ ସହ ଅଫିସ୍ ସମ୍ମୁଖରେ ଛିଡ଼ା ହୋଇ ଭସାଣି ଶୋଭାଯାତ୍ରା ଦେଖୁଥିବା ବେଳେ ହଠାତ୍ କାରିଗରସାହି ଅଞ୍ଚଳର ପ୍ରକାଶ ସାହୁ ଅଫିସ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଏଥିସହ ସତ୍ୟନାରାୟଣଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେବା ସହ ଟଣାଓଟରା କରିଥିଲେ। ସେଠାରେ ଉପସ୍ଥିତ କର୍ମଚାରୀ ସତ୍ୟନାରାୟଣଙ୍କୁ ପ୍ରକାଶଙ୍କ କବଳରୁ ଉଦ୍ଧାର କରିଥିଲେ। ଏହାପରେ ହଠାତ୍ ଅଭିଯୁକ୍ତ ଉତ୍‌କ୍ଷିପ୍ତ ହୋଇପଡ଼ିବା ସହ ତାଙ୍କ ବାମ କାନ ତଳଭାଗକୁ କାମୁଡ଼ି ଛିଣ୍ଡାଇ ଦେଇଥିଲେ। ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ଗୁରୁତର ସତ୍ୟନାରାୟଣ ଟାଉନ୍ ଥାନାରେ ଅଭିଯୋଗ କରିବା ପରେ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ତେବେ କେଉଁ କାରଣରୁ ଯୁବକଜଣକ ଏପରି କାଣ୍ଡ ଭିଆଇଲେ ତାହାର କାରଣ ଅସ୍ପଷ୍ଟ ରହିଛି।

### ଭସାଣିରେ ମାତ୍ରାଧିକ ଶବ୍ଦ ପ୍ରଦୂଷଣ, ଥାନାରେ ମାମଲା

**ଢେଙ୍କାନାଳ ଅଫିସ,୨୦ା୯:**ଢେଙ୍କାନାଳ ଗଣେଶପୂଜା ଭସାଣି ଉତ୍ସବରେ ମାତ୍ରାଧିକ ଶବ୍ଦ ପ୍ରଦୂଷଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଓଡ଼ିଶା ପ୍ରଗତିଶୀଳ ନାଗରିକ ମଞ୍ଚର ଆବାହକ ପ୍ରଶାନ୍ତ ମିଶ୍ର (୬୯) ଏ ନେଇ ଗୁରୁବାର ଟାଉନ୍ ଥାନାରେ ଏତଲା ଦେଇଛନ୍ତି। ପ୍ରଶାନ୍ତ ଜଣେ ହୃଦ୍‌ରୋଗୀ। ପୂର୍ବାହ୍ନ ସାଢ଼େ ୧୦ଟାରେ ତାଳବରକୋଟ ଗ୍ରାମର ଜଣେ ବ୍ୟକ୍ତିଙ୍କ ସହ ସେ ବାଇକ୍‌ରେ ଆମ ଗାଁ ହାଟ ଖଦି ଗ୍ରାମ୍ୟଦ୍ୟୋଗ ଭଣ୍ଡାରକୁ ଯାଉଥିଲେ। ଏହି ସମୟରେ ଶୋଭାଯାତ୍ରାରେ ସାମିଲ ହୋଇଥିବା ଡିଜେରୁ ବାହାରୁଥିବା ତୀବ୍ର ଶବ୍ଦ ଯୋଗୁ ସେ ଛାତିରେ କଷ୍ଟ ଅନୁଭବ କରିଥିଲେ। ଏ ସଂକ୍ରାନ୍ତରେ ସେ ଏସ୍‌ପିଙ୍କୁ ଫୋନ ମାଧ୍ୟମରେ ଜଣାଇଥିଲେ। ଶୋଭାଯାତ୍ରାରେ ନିୟୋଜିତ ପୋଲିସ ସମସ୍ୟା ସମାଧାନ ବଦଳରେ ନୀରବଦ୍ରଷ୍ଟା ସାଜିଥିଲା। ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

### ମେଲାଣି ନେଲେ ଗଣନାଥ

**ଭାପୁର,୨୦ା୯(ଡି.ଏନ.ଏ.):**ଢେଙ୍କାନାଳ ସଦର ଏବଂ ଓଡ଼ାପଡ଼ା ବ୍ଲକ ଅଧୀନ ଛଦେଶ ଅଞ୍ଚଳରେ ବୁଧବାର ଗଣେଶ ପୂଜା ଭସାଣି ଉତ୍ସବ ଶେଷ ହୋଇଛି। ଭାପୁର, କାକୁଡ଼ିଭାଗ, କୋଇଲିପାଙ୍ଗି, ମହୁଲପୁଞ୍ଜି ଗ୍ରାମର ମେଢଗୁଡ଼ିକ ଡିଜେ ସାଉଣ୍ଡର ତାଳେ ତାଳେ ଗ୍ରାମ ପରିକ୍ରମା କରିଥିଲା। ଘିଟିପିରିସ୍ଥିତ ମହାବୀର ୟୁଥ୍ କ୍ଲବ ଦ୍ୱାରା ଅନ୍ତିମ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ୭,୭୭୭ ଟଙ୍କାରେ ଘିଟିପିରି ଅଞ୍ଚଳର ଟୁକୁ ନାଥ ଠାକୁରଙ୍କ ଆଜ୍ଞା ଲଡୁ ନିଲାମ ନେଇଥିଲେ। କମିଟି ସଭାପତି ମନୋରଞ୍ଜନ ସାହୁ, ସମ୍ପାଦକ ସରୋଜ କୁମାର ସାହୁ, କୋଷାଧ୍ୟକ୍ଷ ରମେଶ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାପୁଆ ନଦୀରେ ମେଢଗୁଡ଼ିକୁ ବିସର୍ଜନ କରାଯାଇଥିଲା। ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

### ପ୍ରଶସ୍ତ ହେବ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ରାସ୍ତା

**ଢେଙ୍କାନାଳ ଅଫିସ,୨୦ା୯:**ଢେଙ୍କାନାଳ ଗଣେଶ ବଜାର ଓ ମହାବୀର ବଜାର ମଧସ୍ଥଳରୁ ଦକ୍ଷିଣକାଳୀ ରୋଡ୍ ଦେଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିବା ରାସ୍ତା ପ୍ରଶସ୍ତୀକରଣ ହେବ। ଏଥିଲାଗି ଆରମ୍ଭ ହୋଇଛି ପ୍ରକ୍ରିୟା। ଏ ନେଇ ଜିଲା କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ ଅବନୀକାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗୁରୁବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ରାସ୍ତା ପ୍ରଶସ୍ତୀକରଣ ପୂର୍ବରୁ ଜବରଦଖଲ ହଟାଯିବ। ଉଚ୍ଛେଦରେ କ୍ଷତିଗ୍ରସ୍ତ ହେବାକୁ ଥିବା ବ୍ୟକ୍ତିବିଶେଷ ସେମାନଙ୍କ ଅଭିଯୋଗ ଉପସ୍ଥାପନ କରିଥିଲେ। ବୈଷୟିକ ଦିଗକୁ ଦୃଷ୍ଟିରେ ରଖି ରାସ୍ତା ପ୍ରଶସ୍ତୀକରଣ ନେଇ ପଦକ୍ଷେପ ନିଆଯିବ। ଏଥିରେ ସହଯୋଗ କରିବାକୁ ଅତିରିକ୍ତ ଜିଲାପାଳ ଅନୁରୋଧ କରିଛନ୍ତି। ବୈଠକରେ ପୂର୍ତ୍ତ ବିଭାଗ, ପୌରସଂସ୍ଥା, ତହସିଲ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

■ ତେଜିଲା ହିନ୍ଦୋଳ ଏନ୍‌ଏସି ବିବାଦ

# ବିଷ ଓକାଳିଲେ ଅଧ୍ୟକ୍ଷା

**ହିନ୍ଦୋଳ, ୨୦ା୯(ଡି.ଏନ.ଏ.)**



■କାଉନସିଲ୍‌ରଙ୍କ ବିରୋଧରେ ପାଲଟା ଅଭିଯୋଗ
■ଅସହଯୋଗରୁ ଖର୍ଚ୍ଚ ହୋଇପାରୁନି ଅନୁଦାନ ଟଙ୍କା
■ଉନ୍ନୟନ କାର୍ଯ୍ୟରେ ଟଙ୍କା ଆଦାୟ କରୁଛନ୍ତି
■ସମାଧାନ ପ୍ରତିଶ୍ରୁତି ଦେଲେ ବିଧାୟିକା

କ୍ଷମତା କରିଡ଼ରକୁ ନେଇ ହିନ୍ଦୋଳ ଏନ୍‌ଏସିରେ ତେଜିବାରେ ଲାଗିଛି ବିବାଦ। ଅଧ୍ୟକ୍ଷା ରୀନା ବେହେରାଙ୍କ କାର୍ଯ୍ୟକଳାପ ବିରୋଧରେ ମେଳି ବାନ୍ଧିଥିବା ୧୦ ଅସନ୍ତୁଷ୍ଟ କାଉନସିଲର ଖୋଲାଖୋଲି ସ୍ୱର ଉଠାଇବା ପରେ ଏହାକୁ ନେଇ ଉଷ୍ମ ହୋଇଛି ରାଜନୈତିକ ବାତାବରଣ। ଅନ୍ୟପଟେ ଆସନ୍ନ ସଙ୍କଟ ଟାଳିବାକୁ ଅଧ୍ୟକ୍ଷା ଗୁରୁବାର ଖବରଦାତା ସମ୍ମିଳନୀ କରି ଅଭିଯୋଗକାରୀ କାଉନସିଲରଙ୍କ ଉପରେ ବିଷ ଓକାଳିଛନ୍ତି। ଏସବୁ ଆରୋପ-ପ୍ରତ୍ୟାରୋପ ଏନ୍‌ଏସି ରାଜନୀତିକୁ ସରଗରମ କରିଛି।

ଏନ୍‌ଏସିର ମାସିକ ବୈଠକ ନ ବସିବା, ଉପାଧ୍ୟକ୍ଷଙ୍କୁ ସ୍ୱତନ୍ତ୍ର ପ୍ରକୋଷ୍ଠ ନ ଦେବା ଏବଂ ବିଭିନ୍ନ କାର୍ଯ୍ୟରେ ଅସହଯୋଗ ମନୋବୃତ୍ତିକୁ ନେଇ ୧୦ ଅସନ୍ତୁଷ୍ଟ କାଉନ୍‌ସିଲର ଜନପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏହାପରେ ଗୁରୁବାର ଅଧ୍ୟକ୍ଷା ଏନ୍‌ଏସି କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ ଡକାଇ କାଉନ୍‌ସିଲରଙ୍କ ବିରୋଧରେ କ୍ଷୋଭ ବ୍ୟକ୍ତ କରିଛନ୍ତି।

ଖବରଦାତାଙ୍କୁ ସୂଚନା ଦେଇ ଅଧ୍ୟକ୍ଷା କହିଲେ, ଏନ୍‌ଏସି ନିର୍ବାଚନ ପରେ ୫ମାସ ମଧ୍ୟରେ ୩ଥର (ମେ ୧୧, ଜୁଲାଇ ୧୭ ଏବଂ ଅଗଷ୍ଟ ୨୮) ମାସିକ ବୈଠକ ଅନୁଷ୍ଠିତ ହୋଇଛି। ନିର୍ବାହୀ ଅଧିକାରୀଙ୍କୁ ତାଗିଦ୍ କରିବା ସତ୍ତ୍ୱେ ସେ ବୈଠକ ଡାକୁନାହାନ୍ତି। ବିଧାୟିକାଙ୍କ ସହମତି ନିଆଯାଇ ସେପ୍ଟେମ୍ବର ୨୦ ପରେ ବୈଠକ ହେବ। ଉପାଧ୍ୟକ୍ଷଙ୍କ ସ୍ୱତନ୍ତ୍ର ପ୍ରକୋଷ୍ଠ ପାଇଁ ଘର ଅଭାବ ରହିଥିବାରୁ ଉକ୍ତ ଦାବି ପୂରଣ କରିବାରେ ସମସ୍ୟା ହେଉଥିବା ସେ ସ୍ପଷ୍ଟୀକରଣ ରଖିଛନ୍ତି। ସେହିପରି କାଉନ୍‌ସିଲରଙ୍କ ଅସନ୍ତୋଷର କାରଣ ସମ୍ପର୍କରେ ପଚରାଯାଇଥିବା ଉତ୍ତରରେ ସେ କହିଲେ, ଅଭିଯୋଗକାରୀ କାଉନ୍‌ସିଲର ୨୦ରୁ ୩୦ ହଜାର ଟଙ୍କା ଦେବାକୁ ଦାବି କରୁଛନ୍ତି। ବିନା ଟେଣ୍ଡରରେ ଉନ୍ନୟନମୂଳକ କାର୍ଯ୍ୟ କରିବାକୁ ଚାପ ସୃଷ୍ଟି କରୁଛନ୍ତି। ଜଣେ କାଉନସିଲର ଗଛ କାଟିବା ବାବଦକୁ ୧ଲକ୍ଷ ୨୦ ହଜାର ଟଙ୍କା ଦେବାକୁ କହୁଛନ୍ତି। ସମ୍ପୃକ୍ତ କାଉନ୍‌ସିଲରମାନେ ନିଜ ୱାର୍ଡରେ ଆବାସ ଯୋଜନା ଓ ଭତ୍ତା କରାଇ ଦେବାକୁ ଅର୍ଥ ଆଦାୟ କରୁଥିବା କେତେଜଣ ହିତାଧିକାରୀ ଅଭିଯୋଗ କରିଛନ୍ତି। ଏସବୁ ଜାଣିବା ପରେ ସେମାନେ ତାଙ୍କୁ ବିରୋଧ କରୁଛନ୍ତି। ବର୍ତ୍ତମାନ କାର୍ଯ୍ୟାଳୟରେ ପ୍ରାୟ ୫ କୋଟି ଟଙ୍କା ଗଚ୍ଛିତରହିଛି। କାଉନସିଲରଙ୍କ ଅସହଯୋଗରୁ ଉକ୍ତ ଅର୍ଥ ଖର୍ଚ୍ଚ ହୋଇ ପାରୁନାହିଁ। ଏପରି କି ସ୍ୱାୟତ୍ତ ଶାସନ ଦିବସର ପ୍ରଚାର ପ୍ରସାର ଲାଗି ପ୍ରତି କାଉନସିଲରଙ୍କୁ ୪ହଜାର ଲେଖାଏ ଦିଆଯାଇଥିବା ଅଧ୍ୟକ୍ଷା କହିଛନ୍ତି।

ଅଧ୍ୟକ୍ଷାଙ୍କ ଖବରଦାତା ସମ୍ମିଳନୀ ପରେ ପ୍ରତିକ୍ରିୟା ରଖିଛନ୍ତି ଉପାଧ୍ୟକ୍ଷ ଟିମା ବେହେରା। ସେ ଏପରି ଅଭିଯୋଗକୁ ଅସ୍ୱୀକାର କରିବା ସହ ଅଧ୍ୟକ୍ଷାଙ୍କ ମତିଭ୍ରମ ହୋଇଥିବା କହିଛନ୍ତି। ଆଗାମୀ ଦିନରେ ଏହାର ଉପଯୁକ୍ତ ଜବାବ ଦିଆଯିବ ବୋଲି ଉପାଧ୍ୟକ୍ଷଙ୍କ ସମେତ କାଉନ୍‌ସିଲର ପ୍ରଦ୍ୟୁମ୍ନ ବେହେରା, ତପନ ପରିଡ଼ା ପ୍ରମୁଖ ଚେତାବନୀ ଦେଇଛନ୍ତି।

ଏ ସଂକ୍ରାନ୍ତରେ ବିଧାୟିକା ସୀମାରାଣୀ ନାୟକ କୁହନ୍ତି, କାଉନ୍‌ସିଲରଙ୍କ ଅଭିଯୋଗ ହସ୍ତଗତ ହୋଇଛି। ବିଧାନସଭା ଚାଲିଥିବାରୁ ସେ ବ୍ୟସ୍ତ ଥିଲେ। ଦିନେ ଦୁଇଦିନ ମଧ୍ୟରେ ଆଲୋଚନା କରାଯାଇ ବିବାଦର ସମାଧାନ କରାଯିବ ବୋଲି କହିଛନ୍ତି।

## ସମ୍ପ୍ରସାରଣ ହେଲା ଚକ୍ଷୁ ବିଭାଗ



**କାମାକ୍ଷାନଗର, ୨୦ା୯(ଡି.ଏନ.ଏ.)**

**କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ**
■ଉପଲବ୍ଧ ହେବ ଅସ୍ତ୍ରୋପଚାର ସୁବିଧା
■ଉପକୃତ ହେବେ ୪ବ୍ଲକର ବାସିନ୍ଦା

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟର ଚକ୍ଷୁ ବିଭାଗ ସମ୍ପ୍ରସାରଣ ହୋଇଛି। ନେତ୍ରଜ୍ୟୋତି ଯୋଜନାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସାଇଡ୍ ସେଭର' ପକ୍ଷରୁ ଏହାର ସମ୍ପ୍ରସାରଣ କରାଯାଇଛି। ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁରୁବାର ଏହାକୁ ଲୋକାର୍ପିତ କରିଛନ୍ତି। ସମ୍ପ୍ରସାରିତ ହୋଇଥିବା ଚକ୍ଷୁ ବିଭାଗରେ ଅତ୍ୟାଧୁନିକ ଯନ୍ତ୍ରାଂଶ ଲାଗିଛି। ଏହାଦ୍ୱାରା ଚକ୍ଷୁ ଅସ୍ତ୍ରୋପଚାର ଏବଂ ଆଖି ପରୀକ୍ଷା ସହଜରେ ହୋଇପାରିବ। ଏହାଦ୍ୱାରା ଉପଖଣ୍ଡ ଅଧୀନ ୪ ବ୍ଲକର ଚକ୍ଷୁ ରୋଗୀ ଉପକୃତ ହୋଇପାରିବେ। ଆଉ ସେମାନଙ୍କୁ ବାହାରକୁ ଯିବାକୁ ପଡ଼ିବ ନାହିଁ ବୋଲି ଏନ୍‌ଏସି ଅଧ୍ୟକ୍ଷ ସୂଚନା ଦେଇଛନ୍ତି।

ଲୋକାର୍ପଣ ସମାରୋହରେ ସିଡିଏମ୍‌ଓ ବାସୁଦେବ ବେହେରା, ସ୍ୱେଚ୍ଛାସେବୀ ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ସୁଦୀପ୍ତ ମହାନ୍ତି, ମୁଖ୍ୟ କାର୍ଯ୍ୟନିର୍ବାହୀ ସଞ୍ଜୁ ଜଜ୍ ଆକବର, ମେହେତୁଜ୍ ଆଲମ, ଉପଖଣ୍ଡ ଚିକିତ୍ସାଧିକାରୀ ରତ୍ନାକର ସାମଲ, ଡାକ୍ତର ଦିଗମ୍ବର ସାହୁ, ଦିଲୀପ କର, ଚକ୍ଷୁ ବିଭାଗ ଡାକ୍ତର ଅଭିମନ୍ୟୁ ଆଚାର୍ଯ୍ୟଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

ଇଭିଏମ୍, ଭିଭିପାଟ୍ ବ୍ୟବହାର ସମ୍ପର୍କିତ ପ୍ରଶିକ୍ଷଣ

## ୭୦ ସେକ୍ଟର ଅଫିସରଙ୍କୁ ତାଲିମ

**ଢେଙ୍କାନାଳ ଅଫିସ, ୨୦ା୯**

ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଗୁରୁବାର ନିର୍ବାଚନ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଢେଙ୍କାନାଳ ଏବଂ ହିନ୍ଦୋଳ ଉପଖଣ୍ଡର ୭୦ ଜଣ ସେକ୍ଟର ଅଫିସରଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ରହି ତାଲିମ ନେଇଥିଲେ।

ହିନ୍ଦୋଳ ଉପଜିଲାପାଳ ଭବେଶ କୁମାର ନାୟକ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ଉପରେ ବିସ୍ତୃତ ଆଲୋଚନା କରିଥିଲେ। କାମାକ୍ଷାନଗର ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଇଭିଏମ୍ ମେଶିନ ଓ ନୂତନ ଭାବେ ବ୍ୟବହୃତ ହେବାକୁ ଥିବା ଭିଭିପାଟ୍ ମେଶିନର ବ୍ୟବହାର ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଉପଜିଲାପାଳ ପୀତାମ୍ବର ସାମଲ ସେକ୍ଟର ଅଫିସରଙ୍କୁ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ, ନିରପେକ୍ଷ ନିର୍ବାଚନ ପରିଚାଳନା ସମ୍ପର୍କରେ ଅବଗତ କରାଇଥିଲେ। ସହକାରୀ ଜିଲାପାଳ(ନିର୍ବାଚନ) ଭଜନାନନ୍ଦ ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିର୍ବାଚନକୁ ଅବାଧ ଏବଂ ନିରପେକ୍ଷ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।



ଇଭିଏମ୍ ସମ୍ପର୍କିତ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀମାନେ।

# ହାତୀ ଚିନ୍ତାରେ ଚାଷୀ

**ଢେଙ୍କାନାଳ ଅଫିସ, ୨୦ା୯**

ଢେଙ୍କାନାଳ ଜିଲାରେ ହାତୀ-ମଣିଷ ସଂଘର୍ଷ ତୀବ୍ର ରୂପ ନେଇଛି। ଓଡ଼ାପଡ଼ା ବ୍ଲକ ଗଦାଶିଳା ସେକ୍ସନରେ ଅଧୀନରେ ଏକ ପଲରେ ୩୫ଟି ହାତୀ କିଛି ଦିନ ହେବ ଆତଙ୍କ ସୃଷ୍ଟି କରି ଚାଲିଛନ୍ତି। ପ୍ରତିଦିନ ରାଜପଥରେ ହାତୀଙ୍କ ବିଚରଣ ଯାତାୟାତରେ ବାଧକ ସାଜିଛି। ସେମାନଙ୍କୁ ଦେଖିବାକୁ ପ୍ରବଳ ଗହଳି ହେଉଛି। ଲୋକଙ୍କ ଚିତ୍କାର, ଶବ୍ଦ, ମୋବାଇଲ୍‌ରେ ଫଟୋ ଉଠାଇବା ହାତୀଙ୍କୁ ବିବ୍ରତ କରି ପକାଉଥିବାରୁ ସେମାନେ ପାଲଟା ଆକ୍ରମଣ କରୁଛନ୍ତି। ରାତିରେ ଜନବସତିମୁହାଁ ହେଉଥିବା ହାତୀପଲ ଘର ଭାଙ୍ଗି ଦେବା ସହ ଧାନ ଫସଲ ଉଜାଡ଼ି ଦେଉଛନ୍ତି। ଏଭଳି ଘଟଣା ବଢ଼ି ଚାଲିଥିବାବେଳେ ବନ ବିଭାଗ କେବଳ ନୀରବଦ୍ରଷ୍ଟା ସାଜିଛି। ହାତୀ ଘଉଡ଼ାଇବା ଛଡ଼ା ଅନ୍ୟ କୌଣସି ବିକଳ୍ପ ନ ଥିବା କହି ବନ କର୍ମଚାରୀ ନିଜର ଅସହାୟତା ପ୍ରକାଶ କରୁଥିବାବେଳେ କ୍ଷତିଗ୍ରସ୍ତ ଚାଷୀ ଆନ୍ଦୋଳନକୁ ଓହ୍ଲାଇବାକୁ ସଜବାଜ ହେଲେଣି।

ବୁଧବାର ଏବଂ ଗୁରୁବାର ହାତୀପଲ ସାଇଁବିରି ଗ୍ରାମରେ ପ୍ରବେଶକରି ୨୦ଏକର ଧାନ ଫସଲ ସହିତ ବାଦାମ ଫସଲ ନଷ୍ଟ କରିଛନ୍ତି। ଏଥିରେ ବେଣୁଧର ରାଉତ, ସରୋଜ ସାହୁ, ଚନ୍ଦ୍ରମଣି ସାହୁ, ଇନ୍ଦ୍ରମଣି ସାହୁ, ଧନେଶ୍ୱର ରାଉଳ, ଜଗନ୍ନାଥ ସାହୁ, ପ୍ରଭାକର ବେହେରା ଓ ଉମାକାନ୍ତ ରାଉତଙ୍କ ବ୍ୟାପକ କ୍ଷତି ହୋଇଛି। ସେହିପରି ଶଙ୍କରପ୍ରତାପପୁର ଗ୍ରାମରେ ମଧ୍ୟ ଶରତ ସାହୁ, କୃଷ୍ଣଚନ୍ଦ୍ର ସାହୁ, ସରୋଜ ସାହୁଙ୍କ ଫସଲ ନଷ୍ଟ ହୋଇଛି। ପଲରୁ ଅଲଗା ହୋଇ ଏକ ଦନ୍ତାହାତୀ ଦମୟନ୍ତୀ ପ୍ରଧାନ, ଗାଣ୍ଡୁ ପ୍ରଧାନଙ୍କର ଘର ଭାଙ୍ଗି ଦେଇଛି । ହାତୀପଲ ଅଞ୍ଚଳ ଛାଡ଼ି ଯାଉ ନ ଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ସଞ୍ଜ ହେଲେ ଗ୍ରାମବାସୀଙ୍କୁ ଘାରୁଛି ସୁରକ୍ଷା ଚିନ୍ତା।



ନଷ୍ଟ ହୋଇଥିବା ଧାନ ଫସଲ।

■ବନ ବିଭାଗ ଅସହାୟ
■ଦୁଇ ବଖରା ଭାଙ୍ଗିଲେ
■ନଷ୍ଟକଲେ ଧାନ ଫସଲ
■ଆନ୍ଦୋଳନ ଚେତାବନୀ

ଏ ସଂକ୍ରାନ୍ତରେ ସଦର ରେଞ୍ଜର ପ୍ରସନ୍ନ କୁମାର ବିଶ୍ୱାଳ କୁହନ୍ତି, ହାତୀ ଘଉଡାଇବା ପାଇଁ ଅଦ୍ୟାବଧି କୌଣସି ସ୍ଥାୟୀ ଯୋଜନା ହୋଇପାରିନାହିଁ। କେବଳ ଉପଦ୍ରବ ଅଞ୍ଚଳବାସୀଙ୍କୁ ସତର୍କ କରାଯାଉଛି। ଜିଲାରେ ଏହି ସମୟରେ ଭଲ ଫସଲ ଉତ୍ପାଦନ ହୋଇଥାଏ। ଫସଲ ଖାଇବା ଆଶାରେ ହାତୀପଲ ଅଞ୍ଚଳ ଛାଡ଼ି ଯାଉନାହାନ୍ତି। ବନ କର୍ମଚାରୀ ପହଞ୍ଚି ହାତୀ ଓ ମଣିଷଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି। ଅଭିଯୋଗ ହେବାପରେ ଅନୁଧ୍ୟାନ କରାଯାଇ ଫସଲ କ୍ଷତିପୂରଣ ବ୍ୟବସ୍ଥା କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ବଜ୍ରପାତରୁ ଭୟାବହ ଅଗ୍ନିକାଣ୍ଡ

**ମୋରଡା, ୨୦ା୯**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ତୁଟାପଡା ପଞ୍ଚାୟତ ଅଧୀନ ଅସନଖାଲି ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ବଜ୍ରପାତ ଘଟି ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଘରେ ଥିବା ଗ୍ୟାସ ଟାଙ୍କି ଫାଟିଯିବାରୁ ଅଗ୍ନିକାଣ୍ଡ ଭୟାନକ ରୂପ ନେଇଥିଲା। ଏଥିରେ ପରିବାର ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବାଲି ହେମ୍ବ୍ରମ (୭୦), ତାଙ୍କ ନାତି ହପନା ହେମ୍ବ୍ରମ(୧୦) ଓ ଝିଆରୀ ପୁଷ୍ପଲତା ମାରାଣ୍ଡି (୧୨)। ୨୦ ମେଣ୍ଢା ଓ କୁକୁଡା ନିଆଁରେ ପୋଡ଼ିଯାଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ଏହି ଅଞ୍ଚଳରେ ପ୍ରବଳ ଝଡବର୍ଷା ହୋଇଥିଲା। ରାତି ପ୍ରାୟ ସାଢେ ୧୧ଟା ସମୟରେ ହଠାତ୍ ବଜ୍ରପାତ ଘଟି ନିଆଁ ଲାଗି ଯିବାରୁ ଗ୍ୟାସ ଟାଙ୍କିର ବିସ୍ଫୋରଣ ଘଟିଥିଲା। ଉକ୍ତ ଗ୍ୟାସ ଟାଙ୍କି ଘର ଚାଳ ଫଟାଇ ବହୁ ଉପରକୁ ଉଠି ଯାଇଥିଲା। ଘରର ସମସ୍ତ ସଦସ୍ୟ ଓ ଗୃହପାଳିତ ପ୍ରାଣୀ ଏହି ନିଆଁ ଘେର ମଧ୍ୟରେ ରହିଯାଇଥିଲେ। ପଡୋଶୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ବସ୍ତା ଡାକ୍ତରଖାନା ପଠାଇଥିଲେ। ନିଆଁ ନିୟନ୍ତ୍ରଣକୁ ନ ଆସିବାରୁ ଗୃହପାଳିତ ପ୍ରାଣୀ ପୋଡ଼ିଯାଇଥିଲେ।

## ଦୁର୍ଘଟଣାରେ ୩ ଗୁରୁତର

**ବିଶୋଇ,୨୦ା୯**

ବିଶୋଇ ଥାନା ଅନ୍ତର୍ଗତ କଟାସ ଛକରେ ଗୁରୁବାର ଏକ ଟ୍ରକ ଧକ୍କାରେ କାର୍‌ରେ ଯାଉଥିବା ୩ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଯଶିପୁର ଥାନା କାନଟିକଣା ଗ୍ରାମର ମିର୍ଜା ଟୁଡୁ (୩୫), ତାଙ୍କ ସ୍ତ୍ରୀ ପାୟ ଟୁଡୁ (୩୦) ଓ ପାୟଙ୍କ ସମ୍ପର୍କୀୟ ଭାଉଜ। ସମ୍ପୃକ୍ତ ୩ ଜଣ ବାରିପଦାକୁ କାର ଯୋଗେ ଯାଉଥିବାବେଳେ ୪୯ ନଂ. ଜାତୀୟ ରାଜପଥରେ ବିପରୀତ ଦିଗରୁ ଆସିଥିବା ଏକ ଟ୍ରକ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସମସ୍ତଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲ ପଠାଇଛି। ଏ ନେଇ ନଂ. ୬୭/୧୮ ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

## ଫଟୋରେ ଖବର



ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ ସଂସ୍କୃତ ବିଭାଗ ପକ୍ଷରୁ ଗୁରୁବାର ସମ୍ମାନ ବିଭାଗ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ କଲେଜ ଅଧ୍ୟକ୍ଷ ଡ. କିଶୋର ଚନ୍ଦ୍ର ଦାସଙ୍କ ସମେତ ବିଭାଗୀୟ ଅଧ୍ୟାପକଙ୍କ ସମେତ ଛାତ୍ରୀଛାତ୍ରମାନେ।



ଭୁବନ ଏନ୍‌ଏସି ଅନ୍ତର୍ଗତ ନୂଆଭୁବନ ଛକରେ ଟାଇଟନିକ୍ କ୍ଲବ ପକ୍ଷରୁ ଗଣେଶ ପୂଜା ଉପଲକ୍ଷେ ନିର୍ମିତ ତୋରଣ ଗୁରୁବାର ଅପରାହ୍ନରେ ପ୍ରବଳ ବର୍ଷାରେ ଭାଙ୍ଗିଯାଇଛି। ଏହା ଯୋଗୁ ୫୫ନଂ. ଜାତୀୟ ରାଜପଥରେ ସାମୟିକ ଭାବେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।

## ସଂକ୍ଷେପରେ

### ମାଛ ଜାଲରେ ଅଜଗର



**ଅନୁଗୋଳ ଅଫିସ, ୨୦।୯** ଅନୁଗୋଳ ଡେରଜାଙ୍ଗ ଡ୍ୟାମ୍‌ରୁ ଗୁରୁବାର ସକାଳେ ଏକ ୯ ଫୁଟିଆ ଅଜଗର ଉଦ୍ଧାର କରାଯାଇଛି। ମାଛ ଧରିବା ପାଇଁ ବିଛା ଯାଇଥିବା ଜାଲରେ ଅଜଗର ଗୁଡେଇ ହୋଇଥିବା ଦେଖି ମତ୍ସ୍ୟଜୀବୀମାନେ ଉଦ୍ଧାରକାରୀ ସୁବ୍ରତ ପ୍ରଧାନଙ୍କୁ ଯୋଗଯୋଗ କରିଥିଲେ। ଘଟଣାସ୍ଥଳରେ ସୁବ୍ରତଙ୍କ ସହ ଆଦିତ୍ୟ ବେହେରା ପହଞ୍ଚି ସାପଟିକୁ ଉଦ୍ଧାର କରି ଅନୁଗୋଳ ବନାଞ୍ଚଳ ଅଧିକାରୀ ସତ୍ୟବ୍ରତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ନିରାପଦ ସ୍ଥାନରେ ଛାଡି ଦେଇଥିଲେ।

### କଲେଜ କାନ୍ଥରୁ ୧୮ ନାଗ ଛୁଆ ଉଦ୍ଧାର



**ଧାମନଗର,୨୦।୯(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଶହୀଦନଗରସ୍ଥିତ ଶହୀଦ ସ୍ମୃତି ଜୁନିୟର ମହାବିଦ୍ୟାଳୟରେ ଏକ ପୁରୁଣା ଢଲେଇ କାନ୍ଥରୁ ୧୮ ନାଗ ଛୁଆ ଉଦ୍ଧାର କରାଯାଇଛି। ବୁଧବାର କଲେଜରେ ପାଠପଢ଼ା ସମୟରେ ଏକ ଶ୍ରେଣୀଗୃହର କାନ୍ଥରୁ ଖଣ୍ଡେ ପ୍ଲାଷ୍ଟର ଖସି ପଡ଼ିଥିଲା। ପରେ ଛାତ୍ରଛାତ୍ରୀ କାନ୍ଥ ଫାଟରେ ସାପ ଦେଖି ଭଦ୍ରକ ସ୍ନେକ ହେଲ୍ପ ଲାଇନକୁ ଖବର ଦେଇଥିଲେ। ସ୍ନେକ ହେଲ୍ପ ଲାଇନର ସେକ୍ ମିର୍ଜା ତାଙ୍କ ଟିମ୍ ପହଞ୍ଚି ୧୮ଟି ନାଗ ଛୁଆଙ୍କୁ ଉଦ୍ଧାର କରିଥିବା ବେଳେ କେତୋଟି ସାପ ଖସି ପଳାଇଥିବା ସେ ସୂଚନା ଦେଇଛନ୍ତି। ସେହି କାନ୍ଥରେ ଆହୁରି ସାପ ଛୁଆ ଥିବା ସେ କହିଛନ୍ତି। ବୁଧବାର ରାତିରେ ସେ ୧୮ ନାଗ ଛୁଆଙ୍କୁ ଧରି ବନବିଭାଗକୁ ହସ୍ତାନ୍ତର କରିଥିଲେ। ପୂର୍ବରୁ ଧାମନଗର ଅଞ୍ଚଳରେ ନାଗ ସାପଙ୍କ ବଂଶ ବୃଦ୍ଧି ହୋଇ ବିଭିନ୍ନ ସ୍ଥାନରୁ ଶହ ଶହ ନାଗ ଛୁଆ, ନାଗ, ନାଗୁଣିଙ୍କୁ ଧରା ଯାଇଥିଲା। ଏବେ ପୁଣି ଶହୀଦନଗର ଅଞ୍ଚଳରୁ ନାଗ ଛୁଆ ବାହାରିଥିବାରୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି।

### ଭଦ୍ରକରେ ଅର୍ଥ କମିଶନ ଅଧକ୍ଷ

**ଭଦ୍ରକ ଅଫିସ,୨୦।୯:** ଗୁରୁବାର ମଧ୍ୟାହ୍ନରେ ରାଜ୍ୟ ଅର୍ଥ କମିଶନ ଅଧକ୍ଷ ରବିନାରାୟଣ ସେନାପତି ଭଦ୍ରକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲାପାଳ ଜ୍ଞାନରଞ୍ଜନ ଦାସ, ପିଡି ମଧୁସୂଦନ ମିଶ୍ରଙ୍କ ଉପସ୍ଥିତିରେ ସେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ସମସ୍ତ ବ୍ଲକର ବିଡିଓ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୪ର୍ଥ ଦିନରେ ନାଲ୍‌କୋ ବିଶ୍ୱକର୍ମା ପୂଜା

# ବର୍ଷା ଯୋଗୁ ବଜାର ଫିକା

**ବଅଁରପାଳ, ୨୦।୯(ଡି.ଏନ.ଏ.)**

ନାଲ୍‌କୋ ନଗରରେ ଚାଲିଥିବା ବିଶ୍ୱକର୍ମା ପୂଜାର ଗୁରୁବାର ଥିଲା ୪ର୍ଥ ଦିବସ। ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ପୂଜା ବଜାର ଫିକା ପଡିଯାଇଥିଲା। ଲୋକଙ୍କ ସମାଗମ ନ ହେବାରୁ ବଜାରରେ ପଡିଥିବା ଦୋକାନଗୁଡିକରେ ବ୍ୟବସାୟ କମିଯାଇଥିବା ଜଣାପଡିଛି। ଦୋଳି, ମିନାବଜାର ଆଦି ମଧ ଫାଙ୍କା ପଡିରହିଥିବା ଦେଖିବାକୁ ମିଳିଥିଲା। ତେବେ ପୂଜାରେ କେତେକ ଦର୍ଶକ ଛତା ଧରି ବଜାରରେ ବୁଲୁଥିବା ଦେଖାଯାଇଥିଲା।



### ଗଡିଲାନି ବ୍ୟାଟେରି ଗାଡ଼ି

ଚଳିତ ବର୍ଷ ପୂଜାରେ ନାଲ୍‌କୋ ପକ୍ଷରୁ ବ୍ୟାଟେରି ଚାଳିତ ଗାଡ଼ି ଚାଲିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଏଥିରେ ବୟସ୍କ ତଥା ଭିନ୍ନକ୍ଷମ ଦର୍ଶକ ବୁଲି ଯାତ୍ରା ଉପଭୋଗ କରିବାର ଯୋଜନା ରହିଥିଲା। ହେଲେ ପୂଜାରେ ଏହି ଗାଡ଼ି ଚାଲି ନ ଥିବା ଜଣାପଡିଛି।

### ସିପିପି-ଗିରାଙ୍ଗ ରାସ୍ତା ଜାମ୍

ବିଶ୍ୱକର୍ମା ପୂଜା ପାଇଁ ଅଞ୍ଚଳରେ ନାହିଁ ନ ଥିବା ଭିଡ଼ ହେଉଛି। ଜନସମାଗମକୁ ଦୃଷ୍ଟିରେ ରଖି ଟ୍ରାଫିକ ପରିଚାଳନା କରାଯାଉ ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ନାଲ୍‌କୋ ସିପିପିଠାରୁ ଗିରାଙ୍ଗ ଛକ ପର୍ଯ୍ୟନ୍ତ ଟ୍ରାଫିକ ଜାମ ହୋଇରହୁଛି। ଏଥିଯୋଗୁ ଦୁର୍ଘଟଣା ମଧ ଘଟୁଛି।

### ହର୍‌ଏକ ମାଲ୍ ୫୦ ଟଙ୍କା

ପୂଜା ଅଞ୍ଚଳରେ ପଡିଥିବା ମିନାବଜାରରେ ବିଭିନ୍ନ ହର୍‌ଏକ ମାଲ୍ ଦୋକାନ ପଡିଛି। ସେଠାରେ ସମସ୍ତ ଜିନିଷ ୫୦ ଟଙ୍କାରେ ମିଳୁଛି। ଉକ୍ତ ଦୋକାନରେ ଲୋକଙ୍କ ଭିଡ ଜମୁଥିବା ଦେଖାଯାଇଛି।

### ହଜୁଥିବା ଲୋକଙ୍କ ପାଇଁ ନାଲିଗାଡ଼ି

ଯାତ୍ରାବେଳେ ହଜି ଯାଉଥିବା ଶିଶୁ, ବୟସ୍କ ତଥା ଅନ୍ୟମାନଙ୍କୁ ଏକାଠି କରିବା ପାଇଁ ଏକ ନାଲିଗାଡ଼ି(ଦମକଳ)ର ବ୍ୟବସ୍ଥା କରାଯାଉଛି। ହଜିଯାଉଥିବା ଲୋକଙ୍କ ସମ୍ପର୍କୀୟଠାରୁ ଖବରପାଇ ଏକ ମାଇକ୍‌ରେ ଦମକଳ ନିକଟକୁ ଆସିବାକୁ ପ୍ରଚାର କରଯାଉଛି। କଣ୍ଟ୍ରୋଲ ରୁମ ନିକଟରେ ଥିବା ଦମକଳ ଗାଡ଼ି ନିକଟକୁ ହଜିଥିବା ବ୍ୟକ୍ତି ସେମାନଙ୍କ ସମ୍ପର୍କୀୟଙ୍କୁ ଭେଟୁଛନ୍ତି।

### ଲୁଟେରାଙ୍କୁ ଜଗିଛି ପୋଲିସ

ପୂଜାରେ ଚୋର, ଲୁଟେରାଙ୍କୁ ଜଗିବାକୁ ୪୦ରୁ ଊର୍ଦ୍ଧ୍ୱ ପୋଲିସ ଅଫିସର ଓ ୭ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଏ ପର୍ଯ୍ୟନ୍ତ କୌଣସି ବଡ ଧରଣର ଲୁଟ୍‌ପାଟ ହୋଇ ନ ଥିବା ପୋଲିସ ସୂତ୍ରରୁ ଜଣାପଡିଛି।

### ଭାଙ୍ଗିଗଲା ସଚେତନତା ମୂର୍ତ୍ତି

କେତେକ ପୂଜାମଣ୍ଡପରେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଟୁନ ମୂର୍ତ୍ତି ନିର୍ମାଣ କରାଯାଇଛି। ହେଲେ ଗୁରୁବାର ଲଗାଣ ବର୍ଷାରେ କେତୋଟି ମୂର୍ତ୍ତି ଭାଙ୍ଗିଯାଇଥିବା ଦେଖାଯାଇଛି।

### ବଢୁଛି ଚୋରା ମଦ କାରବାର

ପୂଜାରେ ବହୁ ଲୋକଙ୍କ ସମାଗମ ହେବା ଯୋଗୁ ଅନେକ ଦୋକାନୀ ସେମାନଙ୍କ ଦୋକାନରେ ଚୋରାରେ ମଦ ରଖୁଥିବା ଜଣାଯାଇଛି। ଅନେକ ପାନ ଦୋକାନ, ଢାବା ଓ ଅନ୍ୟାନ୍ୟ ଦୋକାନରେ ମଦ କାରବାର ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି।


## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ dklselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।


## ସେଲ୍‌ଫି କର୍ନର



@ ଅଂଶୁମାନ



@ ନବଘନ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | dklselfie@gmail.com (ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

## ଅନୁଗୋଳ ଫଟୋଗ୍ରାଫର ଆସୋସିଏଶନ୍‌ର ପଞ୍ଚମ ବାର୍ଷିକ ଉତ୍ସବ

# ଫଟୋଗ୍ରାଫି ପେସା ନୁହେଁ ନିଶା: ଏଡିଏମ୍

**ଅନୁଗୋଳ ଅଫିସ, ୨୦।୯**

ଅନୁଗୋଳ ଫଟୋଗ୍ରାଫର ଆସୋସିଏଶନ (ପା)ର ପଞ୍ଚମ ବାର୍ଷିକ ଉତ୍ସବ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଫଟୋଗ୍ରାଫି ଏକ ନିଶା। ଯିଏ ଯେଉଁ ପରିସ୍ଥିତିରେ ଥାଉନା କାହିଁକି ଏ ନିଶାକୁ ଛାଡିବା କଷ୍ଟକର। ଆଜିର ଯୁବପିଢ଼ି ଏହି ପେଶାକୁ ଆଗକୁ ନେଇ ପାରିବେ ବୋଲି ମୁଖ୍ୟଅତିଥି ଶତପଥୀ ମତବ୍ୟକ୍ତ କରିଥିଲେ। ପା’ ସଭାପତି ଦିଲୀପ କୁମାର ଧୀର ସାମନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଆଇନ ପରାମର୍ଶଦାତା ଭୁପେଶ ଚନ୍ଦ୍ର ପ୍ରଧାନ ପେଷାଦାର ଫଟୋଗ୍ରାଫିକୁ ନେଇ ନିଜ ମତ ରଖିଥିଲେ। ସଂଘ ସମ୍ପାଦକ ସଂଗ୍ରାମ ରଞ୍ଜନ ନାଥ କେଉଁ କେଉଁ ଦିଗରେ ସଙ୍ଗଠନ କାର୍ଯ୍ୟ କରିଛି ସେ ସମ୍ପର୍କରେ କହିଥିଲେ। ପା’ ପକ୍ଷରୁ ପ୍ରଥମ ଥର ପାଇଁ ପ୍ରକାଶିତ ଏକ ସ୍ମରଣିକାକୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। ଉପସଭାପତି ଅନନ୍ତ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କ୍ୟାନନ ପକ୍ଷରୁ ଏକ ଭିଡିଓ କର୍ମଶାଳାର ଆୟୋଜନ କରାଯାଇଥିଲା। ଏମ୍‌ଡି ନୁର ଆଲମ କୌଶଳ ସମ୍ପର୍କରେ ସୂଚନା ଦେଇଥିବା ବେଳେ ସେଲ୍‌ସ ମ୍ୟାନେଜର ବାଲୁଙ୍କେଶ୍ୱର ଜେନା ବିଭିନ୍ନ ମଡେଲ ଉପରେ କହିଥିଲେ। ଏଥିସହ ଜିଲାର ତିନିଜଣ ବରିଷ୍ଠ ଫଟୋଗ୍ରାଫର ବୀରକିଶୋର ପ୍ରଧାନ, ରବୀନ୍ଦ୍ର କୁମାର ପ୍ରଧାନ ଓ ପ୍ରମୋଦ କୁମାର ନନ୍ଦଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ଫଟୋଗ୍ରାଫର ଜୟକୃଷ୍ଣ ପାତ୍ର ଓ ଡାକ୍ତର ପି.କେ. ସାହୁ ଯୋଗ ଦେଇଥିଲେ। ପା’ର ସମସ୍ତ ସଦସ୍ୟଙ୍କ ସମେତ ଜିଲାର ଫଟୋଗ୍ରାଫରମାନେ ସାମିଲ ହୋଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଫଟୋଗ୍ରାଫରମାନେ।

## ସରପଞ୍ଚଙ୍କ ପରଲୋକ

**ଛେଣ୍ଡିପଦା,୨୦।୯(ଡି.ଏନ.ଏ.)**

ବଅଁରପାଳ ବ୍ଲକ ସାଆନ୍ତରାପୁର ପଞ୍ଚାୟତର ସରପଞ୍ଚ ବନିତା ଦେହୁରୀ(୩୦)ଙ୍କ ଗୁରୁବାର ଅପରାହ୍ନରେ ପରଲୋକ ଘଟିଛି। ସେ ଲିଭର ଓ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସନ୍ଧ୍ୟାରେ ତାଙ୍କ ମୃତଦେହ ମରାଡିରା ଗାଁରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ପଞ୍ଚାୟତ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା। ସରପଞ୍ଚଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଜିଲା ପରିଷଦ ସଭ୍ୟା ଉର୍ମିଳା ନାଏକ, ବରିଷ୍ଠ ନେତା ପରମାନନ୍ଦ ସାହୁ, ସମବାୟ ସମିତି ସଭାପତି ହୃଷୀକେଶ ପ୍ରଧାନ, ବିଜେଡି ନେତା ଶରତ କୁମାର ସାହୁ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ସନ୍ତୋଷ କୁମାର ନାଏକ, ଅଜିତ କୁମାର ଦେହୁରୀ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ପ୍ରମୁଖ ତାଙ୍କ ସ୍ୱାମୀ ବିଜୟ ଦେହୁରୀ ତଥା ପରିବାରକୁ ସମବେଦନା ଜଣାଇଛନ୍ତି।

# ସଫଳ ଉଦ୍ୟୋଗୀ ସମ୍ବର୍ଦ୍ଧିତ

**ବଇଣ୍ଡା,୨୦।୯(ଡି.ଏନ.ଏ.)**

କିଶୋରନଗର ବ୍ଲକ କିଶୋରନଗର ଡିଗ୍ରୀ କଲେଜ ମହାବିଦ୍ୟାଳୟ ପରିସରରେ ବୁଧବାର ଅନୁଗୋଳ ଜିଲା ଶିଳ୍ପ କେନ୍ଦ୍ର ଦ୍ୱାରା ଆୟୋଜିତ ସଫଳ ଉଦ୍ୟୋଗୀ କାର୍ଯ୍ୟକ୍ରମରେ କିଶୋରନଗର ବଏଜା ଗ୍ରାମର ସଞ୍ଜୟ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟଅତିଥି ଭାବେ କିଶୋରନଗର ବିଡିଓ ଅମୃତା ପ୍ରିୟମ୍ବଦା ଯୋଗଦେଇ ସଞ୍ଜୟଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, କିଶୋରନଗର ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ, କିଶୋରନଗର ବ୍ଲକ ଆଇପିଓ ଦାୟିତ୍ୱରେ ଥିବା ମଧୁଛନ୍ଦା ଦାସ ଉପସ୍ଥିତ ଥିଲେ। କୃଷ୍ଣ ପ୍ରଧାନ ଧନ୍ୟବାଦ ଦେଇଥିଲେ।




ଉଦ୍ୟୋଗୀ ସଞ୍ଜୟ କୁମାର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ୬ ଦିନ ହେଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଏଡ୍‌ସ ପରୀକ୍ଷା, ପରାମର୍ଶ କେନ୍ଦ୍ର ବନ୍ଦ

**କଣିହାଁ, ୨୦।୯(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଏଡ୍‌ସ ପରୀକ୍ଷା ଓ ପରାମର୍ଶ କେନ୍ଦ୍ର ଗତ ୧୫ ତାରିଖଠାରୁ ବନ୍ଦ ରହିଛି। ଫଳରେ ଏଠାକୁ ଏଡ୍‌ସ ପରୀକ୍ଷା ତଥା ଚିକିତ୍ସା ପାଇଁ ଆସୁଥିବା ଆକ୍ରାନ୍ତଙ୍କ ସମସ୍ୟା ବଢ଼ିଛି। କଣିହାଁ ବ୍ଲକ ଏକ ଶିଳ୍ପ ସମୃଦ୍ଧ ଅଞ୍ଚଳ ହୋଇଥିବାବେଳେ ଏଠାରେ ରାଜ୍ୟ ତଥା ରାଜ୍ୟ ବାହାରର ଶ୍ରମିକମାନେ କାମ କରୁଛନ୍ତି। ଏପରିସ୍ଥିତିରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଡ୍‌ସ ପରୀକ୍ଷା କେନ୍ଦ୍ର ବନ୍ଦ ରହିବା ଯୋଗୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି କେତେଜଣ ସମଲିଙ୍ଗୀ ଓ ଏଡ୍‌ସ ଆକ୍ରାନ୍ତ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଏପରିକି ପ୍ରସୂତିମାନେ ଏଡ୍‌ସ ପରୀକ୍ଷା କରାଇବା ପାଇଁ ନିୟମ ଥିଲେ ମଧ ଏହି କେନ୍ଦ୍ର ବନ୍ଦ ଥିବାରୁ ତାହା କରାଯାଇପାରୁନାହିଁ। ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଡ୍‌ସ ପରୀକ୍ଷା କେନ୍ଦ୍ର ତୁରନ୍ତ ଖୋଲାଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

ଏ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁମନ୍ତ କୁମାର ପଟେଲ କହିଛନ୍ତି, ଟାର୍ଗେଟ ପୂରଣ ନ ହେବାରୁ ଏହି କେନ୍ଦ୍ରକୁ ବିଭାଗ ତରଫରୁ ବନ୍ଦ କରାଯାଇଛି। କେନ୍ଦ୍ରରେ କାର୍ଯ୍ୟ କରୁଥିବା ପରାମର୍ଶଦାତା ମନୋଜ ହରିଚନ୍ଦନ କୁହନ୍ତି, ଜିଲାର ସବୁ ଡାକ୍ତରଖାନାରେ ସେଣ୍ଟର ରହିଛି। ଚକ୍ରାନ୍ତ କରାଯାଇ କଣିହାଁ ଏଡ୍‌ସ କେନ୍ଦ୍ରକୁ ବନ୍ଦ କରାଯାଇଛି। ଏଠାରେ ଥିବା ସମସ୍ତ ଚିକିତ୍ସା ସାମଗ୍ରୀ ଜିଲାକୁ ହସ୍ତାନ୍ତର କରାଯାଇଛି। ଏ ନେଇ ଜିଲା ଚିକିତ୍ସା ଅଧିକାରୀ ଶିବ ପ୍ରସାଦ ପାଢୀ କହିଛନ୍ତି, ଏଡ୍‌ସ ପରୀକ୍ଷା ଓ ପରାମର୍ଶ କେନ୍ଦ୍ର ବନ୍ଦ ରହିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟା। କେଉଁ କାରଣରୁ ଏହା ବନ୍ଦ ହେଲା ତାହାର ତଦାରଖ କରାଯିବା ସହ ସେବା ଯୋଗାଇବାକୁ ପଦକ୍ଷେପ ନିଆଯିବ।



ଗତ ୧୫ ତାରିଖରେ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚିକିତ୍ସା ସାମଗ୍ରୀ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଛି।

## ଏମ୍‌ପିଲାଡ୍ ପାଣ୍ଠିରେ କିଣାଯାଇଥିବା ଆମ୍ବୁଲାନ୍ସ ଲୋକାର୍ପିତ

# ଯୁବ ମଞ୍ଚର ଚିନ୍ତାଧାରାକୁ ପ୍ରଶଂସା

**ଅନୁଗୋଳ ଅଫିସ,୨୦।୯**

ଢେଙ୍କାନାଳ-ଅନୁଗୋଳ ଏମ୍‌ପି ତଥାଗତ ସତପଥୀଙ୍କ ସ୍ଥାନୀୟ ଅଞ୍ଚଳ ବିକାଶ ପାଣ୍ଠି (ଏମ୍‌ପିଲାଡ୍) ଅର୍ଥରେ କିଣାଯାଇଥିବା ଏକ ଅତ୍ୟାଧୁନିକ ଶୀତତାପ ନିୟନ୍ତ୍ରିତ ଆମ୍ବୁଲାନ୍ସ ଗୁରୁବାର ଲୋକାର୍ପିତ ହୋଇଛି। ଅନୁଗୋଳ ଯୁବ ଭବନଠାରେ ଲୋକାର୍ପଣ ଉତ୍ସବରେ ନିଜେ ଏମ୍‌ପି ସତପଥୀ ଏହାକୁ ଚଲାଇ ଉଦ୍‌ଘାଟନ କରିବା ପରେ ଅନୁଗୋଳ ମାରୱାଡ଼ି ଯୁବ ମଞ୍ଚକୁ ପ୍ରଦାନ କରିଥିଲେ। ଏହି ଅବସରରେ ଏମ୍‌ପି ଯୁବ ମଞ୍ଚ ଅନୁଗୋଳ ଶାଖା ପକ୍ଷରୁ ରଖାଯାଇଥିବା ଉଚ୍ଚକୋଟୀର ଚିନ୍ତାଧାରାକୁ ପ୍ରଶଂସା କରିଥିଲେ। ସେ କହିଥିଲେ, ଆମ ଦେଶରେ ବହୁ ଭଲ ଲୋକ ଅଛନ୍ତି। ଭଲ କାମ କରିବାକୁ ସେମାନେ ଆଗେଇ ଆସୁଛନ୍ତି। ମାରୱାଡ଼ି ଯୁବ ମଞ୍ଚକୁ ସାହାଯ୍ୟ ନୁହେଁ କେବଳ ସହଯୋଗ ଲୋଡ଼ା। ଲୋକାର୍ପିତ ଆମ୍ବୁଲାନ୍ସର ଯତ୍ନ ନେବା ସହ ବଜାର ଦର ଠାରୁ କମ୍ ପଇସାରେ ରୋଗୀଙ୍କୁ ସେବା ଯୋଗାଇ ଦେବାକୁ ଏମ୍‌ପି ସତପଥୀ ମଞ୍ଚ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ମଞ୍ଚ ଆବାହକ ଅରୁଣ ଗୋଏଲ କହିଥିଲେ, ଏହି ଆମ୍ବୁଲାନ୍ସରେ ଅନୁଗୋଳ ସହର ସହ ରାଜ୍ୟର ଯେକୌଣସି ଅଞ୍ଚଳର ରୋଗୀଙ୍କୁ ସେବା ପ୍ରଦାନ କରାଯିବ। ତେବେ ତାଳଚେରରେ ଥିବା ମଞ୍ଚ ପାଇଁ ଏପରି ଏକ ଅତ୍ୟାଧୁନିକ ଆମ୍ବୁଲାନ୍ସ ଯୋଗାଇ ଦେବା ନିମନ୍ତେ ସେ ସହଯୋଗ ଲୋଡ଼ିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲ ଇଣ୍ଡିଆ ମାରୱାଡ଼ି ଯୁବ ମଞ୍ଚର ପୂର୍ବତନ ସଭାପତି ଜିତେନ୍ଦ୍ର ଗୁପ୍ତା, ଅନୁଗୋଳ ଯୁବ ମଞ୍ଚ କାର୍ଯ୍ୟକାରୀ ସଭାପତି ଦୀପକ ତିବ୍ରେୱାଲ, ସମ୍ପାଦକ ପ୍ରମୋଦ ଗୁପ୍ତା, ପୂର୍ବତନ ସଭାପତି ସୁଦର୍ଶନ ଅଗ୍ରୱାଲ, କୋଷାଧ୍ୟକ୍ଷ ଚନ୍ଦନ ଅଗ୍ରୱାଲ, କମଲ ଅଗ୍ରୱାଲଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପିଙ୍କ ଜିଲା ପ୍ରତିନିଧି ଭକ୍ତି ପ୍ରସାଦ ଦାସ, ତାଳଚେର ବ୍ଲକ ବିଜେଡି ସଭାପତି ନିରଞ୍ଜନ ପ୍ରଧାନ, ତାଳଚେର ନଗରପାଳ ପବିତ୍ର ଭୁତିଆ, ଜିଲା ଯୁବ ବିଜେଡି ସଭାପତି ଦିନେଶ ପ୍ରଧାନ, ଅନୁଗୋଳ ବ୍ଲକ ଉପାଧ୍ୟକ୍ଷା ମମତା ପ୍ରଧାନ, ଅନୁଗୋଳ ସରପଞ୍ଚ ସଂଘ ସଭାପତି କନ୍ଦର୍ପ ମହାରଣାଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।




ଲୋକାର୍ପଣ ଉତ୍ସବରେ ଏମ୍‌ପିଙ୍କ ସହ ମଞ୍ଚର କର୍ମକର୍ତ୍ତା ଓ ଅନ୍ୟମାନେ।

